

LibTech India & Foundation for Ecological Security

# ଓଡିଶାରେ MGNREGA ମଜୁରି ଟଙ୍କା ପାଇବାରେ ଅସୁବିଧା ଏକ ସଂକ୍ଷିପ୍ତ ବିବରଣୀ

Short Brief

October 2022

## ଉପକ୍ରମ

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (MGNREGA) ଓଡିଶାର ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କ ପାଇଁ ବିଶେଷକରି କୋଭିଡ - ୧୯ ମହାମାରୀ ସମୟରେ ଏହା ଲୋକଙ୍କର ଜୀବନ ରେଖା ରୂପେ କାର୍ଯ୍ୟ କରିଛି। ଏହି ଆଇନର ବ୍ୟବସ୍ଥାବଳୀଗୁଡିକ ମଧ୍ୟରୁ ଏକ ବ୍ୟବସ୍ଥା, ଯାହା ଶ୍ରମିକମାନଙ୍କ ପାଇଁ ଏକ ସୁରକ୍ଷାକବଚ ଭାବରେ ତିଆରି ହୋଇଥିଲା ଏବଂ ଶ୍ରମିକମାନଙ୍କୁ ଠିକ୍ ସମୟରେ ମଜୁରି ଦେୟ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଏହା ପ୍ରେରିତ ଥିଲା ଯେ ଶ୍ରମିକମାନେ କାର୍ଯ୍ୟ ସମାପ୍ତ କରିବାର ୧୫ ଦିନ ମଧ୍ୟରେ ସେମାନଙ୍କ ମଜୁରି ଦେୟ ପାଇବାକୁ ହକ୍‌ଦାର ହେବେ [ଧାରା ୧ (ଅଧ୍ୟାୟ ୨) ), ଅନୁଚ୍ଛେଦ ୩)] ।

ମଜୁରି ଦେୟ ପ୍ରକ୍ରିୟା ଯାହା ମାଧ୍ୟମରେ ଶ୍ରମିକମାନେ ସେମାନଙ୍କର ମଜୁରି ଟଙ୍କା ଗ୍ରହଣ କରିଥାଆନ୍ତି, ସେଥିପଇଁ ସରକାରୀ ଭାବରେ ୨ଟି ପର୍ଯ୍ୟାୟ ଅଛି । ପ୍ରଥମ ପର୍ଯ୍ୟାୟ ଆରମ୍ଭ ହୁଏ ଯେତେବେଳେ କାର୍ଯ୍ୟର ଏକ ମଷ୍ଟର ରୋଲ୍ ସମାପ୍ତ ହୁଏ । ବ୍ଲକ ଦ୍ଵାରା ଶ୍ରମିକମାନଙ୍କ ତାଲିକା ପ୍ରସ୍ତୁତ କରାଯାଏ ଏବଂ ତା'ପରେ ଫଣ୍ଡ ଟ୍ରାନ୍ସଫର ଅର୍ଡର (FTO) ସୃଷ୍ଟି କରାଯାଏ ଏବଂ ଏହା ସ୍ଵାକ୍ଷରିତ ହେବା ପରେ ଏହାକୁ କେନ୍ଦ୍ରକୁ ପଠାଯାଏ। ପ୍ରଥମ ପର୍ଯ୍ୟାୟ ହେଉଛି ରାଜ୍ୟର ଦାୟିତ୍ଵ ଏବଂ ଏହା ୮ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବା ଆବଶ୍ୟକ। ଥରେ FTO କେନ୍ଦ୍ରକୁ ପଠାଯିବା ପରେ ଦ୍ଵିତୀୟ ପର୍ଯ୍ୟାୟ ଆରମ୍ଭ ହୁଏ । FTO ଗ୍ରହଣ କରିବା ପରେ କେନ୍ଦ୍ର ଏହାର ପ୍ରକ୍ରିୟାକରଣ ପାଇଁ ୭ ଦିନ ସମୟ ନେଇଥାଏ ଏବଂ ଶ୍ରମିକଙ୍କ ଆକାଉଣ୍ଟକୁ ମଜୁରି ଦେୟ କ୍ରେଡିଟ୍ କରିଥାଏ। ଏହା ହେଉଛି ଦ୍ଵିତୀୟ ପର୍ଯ୍ୟାୟ, ଏହା କେନ୍ଦ୍ରର ଦାୟିତ୍ଵ ଏବଂ ଏହା ୭ ଦିନ ମଧ୍ୟରେ ସମ୍ପୂର୍ଣ୍ଣ ହେବା ଆବଶ୍ୟକ ।

ଥରେ ଟଙ୍କା ଶ୍ରମିକଙ୍କ ଆକାଉଣ୍ଟରେ ପହଞ୍ଚିବା ପରେ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେଲା ବୋଲି ସରକାର ବିବେଚନା କରନ୍ତି ଏବଂ ଏହାର ଦାୟିତ୍ଵ ସମାପ୍ତ ହେଲା ବୋଲି ମନେକରନ୍ତି। ତଥାପି, ଅନ୍ୟ ଏକ ପର୍ଯ୍ୟାୟ ଅର୍ଥାତ୍ ୩ୟ ପର୍ଯ୍ୟାୟ ମଧ୍ୟ ଅଛି – ତାହା ହେଉଛି ନିଜ ଆକାଉଣ୍ଟରୁ ମଜୁରି ଟଙ୍କା ଉଠାଣ ପାଇଁ ଲାଗୁଥିବା ସମୟ ଏବଂ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକ। ଗ୍ରାମାଞ୍ଚଳର ନାଗରିକମାନେ ନିଜସ୍ଵ ମଜୁରି ଟଙ୍କା ପାଇବାରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକ ବିଷୟରେ ଯଥେଷ୍ଟ ଉପାଦେୟ ପ୍ରମାଣ ଅଛି, ଦଶ ବର୍ଷରୁ ଅଧିକ ସମୟ ଅବଧି ମଧ୍ୟରେ କ୍ଷେତ୍ର ଅନୁଭୂତିରୁ ଏହା ଜଣାଯାଇଛି। ଯେପରିକି – ବ୍ୟାଙ୍କଗୁଡିକର ସଂଖ୍ୟା ବହୁତ କମ୍ ଏବଂ ବ୍ୟାଙ୍କଗୁଡିକ ଶ୍ରମିକମାନଙ୍କ ଘରଠାରୁ ବହୁତ ଦୂରରେ ଅବସ୍ଥିତ ଥାଏ; ନେଟୱର୍କ ସଂଯୋଗ ଏକ ଗମ୍ଭୀର ସମସ୍ୟା ହୋଇ ରହିଥାଏ; ଗ୍ରାହକ ସେବା କେନ୍ଦ୍ର (CSPs) କିମ୍ବା (ବିସି) ର ଅଧିକାରୀମାନେ 'କମିଶନ ଚାର୍ଜ କରିବା ସ୍ଵାଭାବିକ। ଶ୍ରମିକମାନଙ୍କ ମଜୁରି ପୈଠ କରିବାରେ ଏହି ବିଳମ୍ବ ଏବଂ ପ୍ରକୃତରେ ଶ୍ରମିକମାନେ ନିଜସ୍ଵ ମଜୁରି ଟଙ୍କା ପାଇବାରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକୁ ଆମେ ଶେଷ ମାଇଲ୍ ବୋଲି କହିଥାଉ | ଯେହେତୁ ୩ୟ ପର୍ଯ୍ୟାୟ ପାଇଁ ସରକାର ଦାୟିତ୍ଵ ଗ୍ରହଣ କରୁନାହାଁନ୍ତି, ଶ୍ରମିକମାନେ ସେମାନଙ୍କର ମଜୁରି ଟଙ୍କା ପ୍ରତ୍ୟାହାର କରିବାରେ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକର ପରିମାଣ ସଠିକ୍ ଭାବେ ଦଲିଲ ହୋଇପାରିନାହିଁ ।

ଓଡିଶା ପ୍ରସଙ୍ଗରେ ଏଭଳି ଚ୍ୟାଲେଞ୍ଜଗୁଡିକର ପରିମାଣ ବୁଝିବାକୁ ଏହି ରିପୋର୍ଟ ଏକ ପ୍ରୟାସ । ଏହାର ବିଶ୍ଳେଷଣ ପାଇଁ ଓଡିଶାର ପାଞ୍ଚଟି ବ୍ଲକ୍ ଯଥା – ଆଠମଲ୍ଲିକ୍, ବାଂଶପାଳ, କଙ୍କଡାହାଡ଼, ପଟାଙ୍ଗି ଏବଂ ସେମିଲିଗୁଡାଠାରେ କରାଯାଇଥିବା ଏକ ଦ୍ରୁତ ସର୍ଭେ ମାଧ୍ୟମରେ ସଂଗୃହିତ ତଥ୍ୟକୁ ଆମେ ଏଠାରେ ବ୍ୟବହାର କରିଛୁ | ଅଧ୍ୟୟନ ଦଳ (ଲିବଟେକ୍ ଇଣ୍ଡିଆ ଏବଂ ଫାଉଣ୍ଡେସନ୍ ଫର ଇକୋଲୋଜିକାଲ୍ ସିକ୍ୟୁରିଟି (FES)) ଏହି ପାଞ୍ଚଟି ବ୍ଲକ୍‌ରେ ମିଳିତ ଭାବରେ କାର୍ଯ୍ୟ କରୁଥିବାରୁ ଏହି ବ୍ଲକ୍‌ଗୁଡିକୁ ଉଦ୍ଦେଶ୍ୟମୂଳକ ଭାବରେ ଚୟନ କରାଯାଇଥିଲା। ତେଣୁ, ଏହି ତଥ୍ୟ ରାଜ୍ୟ ମଧ୍ୟରେ ଥିବା ସମସ୍ୟାଗୁଡିକର ପ୍ରତିନିଧିତ୍ୱ କରୁନାହିଁ, ତଥାପି ବିଭିନ୍ନ ଭୌଗଳିକ ତଥା ପାଞ୍ଚଟି ବ୍ଲକ୍ ମଧ୍ୟରେ ବିତରଣ ଏଜେନ୍ସିଗୁଡିକର ପ୍ରବେଶ ଦ୍ୱାରା ଓଡିଶାର ବିଭିନ୍ନ ଶ୍ରମିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ପ୍ରକାରର ସମସ୍ୟାଗୁଡିକୁ କାବୁ କରିଛି। ପ୍ରତ୍ୟେକ ବ୍ଲକ୍‌ର ୮ଟି ଲେଖାଏଁ ଗ୍ରାମପଞ୍ଚାୟତରୁ ନମୁନା ସଂଗ୍ରହ କରାଯାଇଥିଲା। ତା'ପରେ ପ୍ରତ୍ୟେକ ମନୋନୀତ ପଞ୍ଚାୟତରୁ ୫ଟି ଗ୍ରାମରୁ ଅନିୟମିତ ଭାବେ ଅର୍ଥାତ୍ ମିଶାମିଶି ଭାବରେ ନମୁନା ସଂଗ୍ରହ କରାଯାଇଥିଲା | ୫ଟି ନମୁନା ଗାଁରୁ, ଗତ ବର୍ଷକ ମଧ୍ୟରେ ଅତି କମ୍‌ରେ ୧୦ ଦିନ କାମ କରିଥିବା ଶ୍ରମିକଙ୍କ ତାଲିକାରୁ ମୋଟ ୨୫ଜଣ ଉତ୍ତରଦାତାଙ୍କଠାରୁ ଅନିୟମିତତା ଅର୍ଥାତ୍ ମିଶାମିଶି ଭାବରେ ନମୁନା ସଂଗ୍ରହ କରାଯାଇଥିଲା। ଫଳସ୍ୱରୂପ, ସମୁଦାୟ ୧,୦୭୭ ଜଣ ଉତ୍ତରଦାତାଙ୍କଠାରୁ ସାକ୍ଷାତ୍କାର ନିଆଯାଇଥିଲା |

## ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକ
### ସମସ୍ୟା ନଂ-୧: ପକେଟରୁ ଖର୍ଚ୍ଚ ଏବଂ ଆୟ ବନ୍ଦ

ଶ୍ରମିକମାନଙ୍କୁ ପ୍ରାୟତଃ ଦୀର୍ଘ ଦୂରତା ଯାତ୍ରା କରିବାକୁ ପଡିଥାଏ ଏବଂ ମଜୁରି ଟଙ୍କା ଉଠାଣ କରିବାକୁ ଅନେକ ଘଣ୍ଟା ବିତାଇବାକୁ ପଡିଥାଏ | ପରିଣାମସ୍ୱରୂପ ଏହା ଗୁରୁତ୍ୱପୂର୍ଣ୍ଣ ଖର୍ଚ୍ଚରେ ପରିଣତ ହୋଇଥାଏ - ଉଭୟ ପକେଟ ଖର୍ଚ୍ଚ ଏବଂ ସେଦିନର ଆୟ ବନ୍ଦ। ଆମେ ଜାଣିବାକୁ ପାଇଲୁ ଯେ ଅଧାରୁ ଅଧିକ ଶ୍ରମିକ ବିତରଣ ଏଜେନ୍ସିକୁ ମଜୁରି ଟଙ୍କା ଉଠାଇବା ନିମନ୍ତେ ଗୋଟିଏ ଥର ପରିଦର୍ଶନ ପାଇଁ ଗୋଟିଏ ଦିନର ମଜୁରି ଖର୍ଚ୍ଚ କରିସାରିଛନ୍ତି। ଶ୍ରମିକମାନଙ୍କ ପାଇଁ ଏହି ଖର୍ଚ୍ଚ ଯଥେଷ୍ଟ ଅଧିକ, ଯେଉଁମାନେ ମୁଖ୍ୟତଃ ବ୍ୟାଙ୍କ ଶାଖା ବ୍ୟବହାର କରନ୍ତି | ଯାତାୟତ ପାଇଁ ପରିବହନ ଖର୍ଚ୍ଚ ହେଉଛି ସବୁଠାରୁ ବଡ ଖର୍ଚ୍ଚ ଯାହା ନିଜ ପକେଟରୁ ଖର୍ଚ୍ଚ ହୋଇଥାଏ।




*ଚିତ୍ର ୧: ମଜୁରି ପ୍ରତ୍ୟାହାରର ମୋଟ ପ୍ରତ୍ୟକ୍ଷ ଖର୍ଚ୍ଚ*




*ଚିତ୍ର ୨: ମଜୁରି ଟଙ୍କା ପ୍ରତ୍ୟାହାର କରିବା ସମୟରେ ଆୟ (ଟଙ୍କାରେ) ହରାଇଥାଆନ୍ତି*

ଅଧିକନ୍ତୁ, ପକେଟ ଖର୍ଚ୍ଚ ସହିତ, ଶ୍ରମିକମାନେ ଦୀର୍ଘ ଦୂରତା ଯାତ୍ରା କରିବା ସମୟରେ ଏବଂ / କିମ୍ବା ମଜୁରି ଟଙ୍କା ପ୍ରତ୍ୟାହାର ପାଇଁ ଦୀର୍ଘ ଘଣ୍ଟା ବିତାଇବା ସମୟରେ କାର୍ଯ୍ୟ ହରାଇବା କାରଣରୁ ଆୟ ଛାଡିଥାନ୍ତି | ୭୩% ଶ୍ରମିକ ଅତିକମ୍‌ରେ ଗୋଟିଏ ଦିନର କାମ ହରାନ୍ତି | ଏଠାରେ ମଧ୍ୟ, ସେହିସବୁ ଶ୍ରମିକମାନଙ୍କ ପାଇଁ ଏହି ଅନୁପାତ ଅଧିକ, ଯେଉଁମାନେ ମୁଖ୍ୟତଃ ବ୍ୟାଙ୍କ ଶାଖା ବ୍ୟବହାର କରନ୍ତି | ଫଳସ୍ୱରୂପ, ଶ୍ରମିକମାନେ ବହୁ ପରିମାଣର ଆୟରୁ ବଞ୍ଚିତ ହୁଅନ୍ତି | ମଜୁରି ଟଙ୍କା ଉଠାଇବା ପାଇଁ ଅଧିକାଂଶ ଶ୍ରମିକ ଦିନକୁ ଟ,୨୦୦/-ରୁ ଅଧିକ ଟଙ୍କା ନିଜର ମଜୁରିର ଆୟ ବାବଦକୁ ଛାଡିଥାଆନ୍ତି।

ଶ୍ରମିକମାନଙ୍କୁ ଏକାଧିକ ପରିଦର୍ଶନ କରିବାକୁ ପଡୁଥିବାବେଳେ ମଜୁରି ଟଙ୍କା ପ୍ରତ୍ୟାହାରର ମୂଲ୍ୟ ବହୁଗୁଣିତ ହୋଇଥାଏ। ଏକାଧିକ ପରିଦର୍ଶନର କାରଣଗୁଡିକୁ ମୋଟାମୋଟି ଭାବରେ ଦୁଇଟି ଶ୍ରେଣୀରେ ବିଭକ୍ତ କରାଯାଇପାରେ – ମଜୁରି ଦେୟ ପୈଠ ବା କ୍ରେଡିଟ୍ ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ସୂଚନାର ଅଭାବ | ଅଧାରୁ ଅଧିକ ଶ୍ରମିକଙ୍କୁ ସେମାନଙ୍କର ମଜୁରି ଟଙ୍କା କେବେ ମିଳିବ ତାହା ଜାଣି ନ ଥିବାରୁ ଏକାଧିକ ପରିଦର୍ଶନ କରିବାକୁ ପଡିଥାଏ | ଅଧିକନ୍ତୁ, ଅତ୍ୟଧିକ ଗହଳି, ନେଟୱାର୍କ ବିଫଳତା ଏବଂ ବିଦ୍ୟୁତ୍ ଅଭାବ ପରି ଭିତ୍ତିଭୂମି ସମସ୍ୟା ପ୍ରାୟତଃ ଏକାଧିକ ପରିଦର୍ଶନ କରିବାକୁ ବାଧକରିଥାଏ | ବ୍ୟାଙ୍କ ଶାଖାଗୁଡ଼ିକରେ ଲୋକଙ୍କ ଭିଡ଼ ଅଧିକ ଦେଖାଯାଏ କାରଣ ବ୍ୟାଙ୍କ ଶାଖା ସଂଖ୍ୟା କମ୍ ଏବଂ ଶ୍ରମିକମାନଙ୍କ ସଂଖ୍ୟା ଅଧିକ | ନେଟୱାର୍କ ସଂଯୋଗ ସାଧାରଣତଃ ପଞ୍ଚାୟତଗୁଡିକରେ ଦୁର୍ବଳ ଅଟେ ଯେଉଁଠାରେ ଗ୍ରାହକ ସେବା କେନ୍ଦ୍ର CSP / BC ଗୁଡିକ ଅବସ୍ଥିତ |

## ସମସ୍ୟା ନଂ-୨: ସ୍ୱଚ୍ଛତାର ଅଭାବ

ସ୍ୱଚ୍ଛତା ଅଭାବରୁ ଶ୍ରମିକମାନେ ମଧ୍ୟ ସମସ୍ୟାଗୁଡିକର ସମ୍ମୁଖୀନ ହେଉଛନ୍ତି। ଯେପରି ଉପରେ ଆଲୋଚନା କରାଯାଇଛି, ଶ୍ରମିକମାନେ ପ୍ରାୟତଃ ବିଶ୍ୱସନୀୟ ଉତ୍ସ ମାଧ୍ୟମରେ ମଜୁରି ଟଙ୍କା କ୍ରେଡିଟ୍ ବିଷୟରେ ସୂଚନା ପାଆନ୍ତି ନାହିଁ | ପ୍ରୋଗ୍ରାମ୍ ଅଧିକାରୀ ଏବଂ ଏସଏମଏସ ପରି ଉତ୍ସ ମାଧ୍ୟମରେ ମଜୁରି ଟଙ୍କା କ୍ରେଡିଟ୍ ବିଷୟରେ ସୂଚନା ପାଇଥିବା କେବଳ ଅଧା ଶ୍ରମିକ ରିପୋର୍ଟ କରିଛନ୍ତି। ଅନ୍ୟ ଶ୍ରମିକମାନେ ଅଣ-ବିଶ୍ୱସନୀୟ ଉତ୍ସ (୩୮%) ମାଧ୍ୟମରେ ସୂଚନା ପାଇଥାଆନ୍ତି କିମ୍ବା ମଜୁରି (୧୨%) ଟଙ୍କା କ୍ରେଡିଟ୍ ହୋଇଛି କି ନାହିଁ ତାହା ଜାଣିବା ପାଇଁ ବିତରଣ ଏଜେନ୍ସି ପରିଦର୍ଶନ କରିବାକୁ ପଡିଥାଏ। ଏହି ଅନୁସନ୍ଧାନଗୁଡ଼ିକ, ସଠିକ୍ ଚ୍ୟାନେଲ ମାଧ୍ୟମରେ ସୂଚନା ବିତରଣର ଆବଶ୍ୟକତାକୁ ସୂଚିତ କରୁଛି।

ଶ୍ରମିକମାନଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ ଯେ ଶ୍ରମିକମାନେ ଟଙ୍କା କାରବାରକୁ ଜାଣିବା ପାଇଁ ସକ୍ଷମ ହେବା ଜରୁରୀ ଅଟେ। ଶ୍ରମିକମାନେ ଯେତେବେଳେ କାରବାରର ତଥ୍ୟ ରଖିପାରନ୍ତି ନାହିଁ ସେତେବେଳେ ଠକାମିର ଶିକାର ହୁଅନ୍ତି। ଅଧିକନ୍ତୁ, କାରବାରର ତଥ୍ୟ ରଖି ନପାରିଲେ ମଜୁରି ଭୁଲ୍ ନିର୍ଦ୍ଦେଶିତ ହୋଇଛି କି ନାହିଁ ତାହା ଜାଣିବା କଷ୍ଟକର |




*ଚିତ୍ର ୩: ଦେୟ କ୍ରେଡିଟ୍ ବିଷୟରେ ଜାଣିବାର ପଦ୍ଧତି।*

ଆମର ଅନୁସନ୍ଧାନରୁ ଜଣାପଡିଛି ଯେ ଶ୍ରମିକମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ପାସବୁକ୍ କିମ୍ବା SMS/ରସିଦଗୁଡିକର ନିୟମିତ ଅଦ୍ୟତନ ମାଧମରେ ମଜୁରି ଟଙ୍କା କାରବାରକୁ ଜାଣିବାରେ ସକ୍ଷମ ହୋଇନଥିଲେ। ଆହୁରି ମଧ ୫% କର୍ମଚାରୀଙ୍କ ପାଖରେ ପାସବୁକ୍ ନଥିଲା। ଏପରିକି ଯେଉଁମାନଙ୍କ ପାଖରେ ଏକ ପାସବୁକ୍ ଥିଲା, ସେମାନଙ୍କ ମଧ୍ରୁ କେବଳ ଏକ ଚତୁର୍ଥାଂଶ ସର୍ବଦା ସେମାନଙ୍କ ପାସବୁକ୍ ଅପଡେଟ୍ କରିପାରୁଥିଲେ। ଅଧିକନ୍ତୁ, ଅଦ୍ୟତନ ହୋଇଥିବା ପାସବୁକ୍ ମଧ୍ରେ, ଏକ-ପଞ୍ଚମାଂଶରୁ ଅଧିକ ମାନୁଆଲ୍ ଅପଡେଟ୍ ହେଉଥିଲା। ଏହା ସହିତ, ପ୍ରାୟ ଏକ ଚତୁର୍ଥାଂଶ ଶ୍ରମିକ ଏସଏମଏସ କିମ୍ବା ଟଙ୍କା ପ୍ରତ୍ୟାହାର ଉପରେ ଏକ ରସିଦ୍ ପାଉଥିଲେ |

| Disbursement agency | % of respondents who had a passbook | % of workers who had a passbook and it was updated | | |
|---|---|---|---|---|
| | | No, Never | Yes, Sometimes | Yes, Always |
| Bank | 97.3 | 13.5 | 61.1 | 25.4 |
| CSP/BC | 87.1 | 34.7 | 52.6 | 12.8 |
| **Overall** | **95.1** | **17.4** | **59.4** | **23.2** |

*ଟେବୁଲ୍ ୧: ଉତ୍ତରଦାତାମାନଙ୍କ ମଧ୍ରୁ % ଯେଉଁମାନଙ୍କର ପାସବୁକ୍ ଥିଲା ଏବଂ ଏହା ଅପଡେଟ୍ ହୋଇଛି କି ନାହିଁ।*

[1] This is a brief summary of the report. The detailed report can be accessed here. http://libtech.in/wp-content/uploads/2022/10/LoLM-Odisha_Report_October-2022-1.pdf

2 For logistical reasons, villages that were very difficult to access were removed before selecting the sample households.

ସ୍ୱଚ୍ଛତାର ଅଭାବ ଶ୍ରମିକମାନଙ୍କୁ ବିଭ୍ରାନ୍ତ ଏବଂ ଠକାମିର ଶିକାର କରିଛି | ୫% ରୁ କମ୍ ଶ୍ରମିକ କହିଥିଲେ ଯେ ସେମାନଙ୍କର ମଜୁରି ଟଙ୍କା ପୈଠ ବାବଦରେ ଭୁଲ୍ ନିର୍ଦ୍ଦେଶିତ ହୋଇଛି ଏବଂ ସମାନ ଅନୁପାତରେ ଜାଲିଆତି ହୋଇଥିବା ମଧ୍ୟ ରିପୋର୍ଟ ହୋଇଛି, ୨୦% ଶ୍ରମିକ କହିଥିଲେ ଯେ ସେମାନଙ୍କ ମଜୁରି ଟଙ୍କା ଭୁଲ୍ ନିର୍ଦ୍ଦେଶିତ ହୋଇଛି ନା ଠକେଇର ଶିକାର ହୋଇଛି ତାହା ସେମାନେ ଜାଣି ନାହାଁନ୍ତି।

## ସମସ୍ୟା ନଂ-୩: ଦୁର୍ବଳ ଅଭିଯୋଗ ସମାଧାନ ପ୍ରକ୍ରିୟା

ଉପରେ ଆଲୋଚନା ହୋଇଥିବା ବିଭିନ୍ନ ସମସ୍ୟାଗୁଡିକରୁ ଜଣାଯାଏ ଯେ ଏକ ସୁଗମ ତଥା ସୁଚାରୁରୂପେ କାର୍ଯ୍ୟ କରୁଥିବା ଅଭିଯୋଗ ସମାଧାନ ପ୍ରକ୍ରିୟାର ଆବଶ୍ୟକତା ରହିଛି। ତେବେ ସର୍ଭେରୁ ଜଣାପଡିଛି ଯେ ଏପରି ସୁଗମ ପ୍ରକ୍ରିୟା ନଥିଲା। ଆମେ ଜାଣିବାକୁ ପାଇଲୁ ଯେ ମୌଖିକ ଭାବରେ ୨୦% ରୁ କମ୍ ଶ୍ରମିକ ଅଭିଯୋଗ କରିଥିଲେ ଏବଂ ୨% ରୁ କମ୍ ଶ୍ରମିକ ଲିଖିତ ଆକାରରେ ଅଭିଯୋଗ କରିଥିଲେ | ସାଧାରଣତଃ ମୌଖିକ ଅଭିଯୋଗଗୁଡିକୁ ଟ୍ରାକ କରାଯାଇପାରିବ ନାହିଁ ଏବଂ ଏହିପରି ଅଭିଯୋଗଗୁଡିକର ଅନୁସରଣ କରିବା ମଧ୍ୟ ସମ୍ଭବ ନୁହେଁ | ଅଧିକନ୍ତୁ, ଯେଉଁମାନେ ଅଭିଯୋଗ ଦାଖଲ କରିଥିଲେ ସେମାନଙ୍କ ମଧ୍ୟରୁ ୭୫% ରୁ ଅଧିକ ମଜୁରି ବିଚାରାଧୀନ ଥିବା ପ୍ରସଙ୍ଗକୁ ନେଇ ଅଭିଯୋଗ କରିଥିଲେ।

## ମୁଖ୍ୟ ସୁପାରିଶଗୁଡିକ

ଉପରେ ଆଲୋଚନା ହୋଇଥିବା ଶେଷ ମାଇଲ୍ ଚ୍ୟାଲେଞ୍ଜଗୁଡିକ ହେଉଛି ଶ୍ରମିକଙ୍କୁ ଠିକ୍ ସମୟରେ ଏବଂ ବିନା ବାଧାରେ ମଜୁରି ଦେୟ ପାଇବାରେ ଏକ ପ୍ରମୁଖ ପ୍ରତିବନ୍ଧକ | ଆମେ ଏଠାରେ କିଛି ପରାମର୍ଶ ଦେଉଛୁ ଯାହା ଆର୍ଥିକ ପ୍ରତିଷ୍ଠାନ, ସରକାର ଏବଂ ସିଭିଲ୍ ସୋସାଇଟି ସଂଗଠନ (ସିଏସ୍ଓ)ଙ୍କ ପଦକ୍ଷେପ ଦ୍ୱାରା ଶେଷ ମାଇଲ୍ ଚ୍ୟାଲେଞ୍ଜଗୁଡିକୁ ହ୍ରାସ କରିବାରେ ସାହାଯ୍ୟ କରିପାରିବ।

### ଉପଯୁକ୍ତ ଭିତ୍ତିଭୂମି ସହିତ ଅଧିକ ବ୍ୟାଙ୍କ ଶାଖା /ଗ୍ରାହକ ସେବା କେନ୍ଦ୍ର (CSPs) / BCs ପ୍ରତିଷ୍ଠା

**୧.** ଆର୍ଥିକ ସଂସ୍ଥାଗୁଡ଼ିକ ଶ୍ରମିକଙ୍କ ନିକଟତର ବ୍ୟାଙ୍କ ଶାଖା, ଗ୍ରାହକ ସେବା କେନ୍ଦ୍ର **CSPs / BCs** ଏବଂ **ATM** ଗଠନ କରିବା ଉଚିତ ଯେପରି ପ୍ରତ୍ୟେକ ଶ୍ରମିକ ପନ୍ଦର ମିନିଟ୍ ଚାଲିବା ଦୂରତା ମଧ୍ୟରେ ଏକ ବିତରଣ ଏଜେନ୍ସିରେ ପହଞ୍ଚି ପାରିବେ **।**
**୨.** ସରକାରଙ୍କୁ ସୁନିଶ୍ଚିତ କରିବାକୁ ପଡିବ ଯେ ଆରବିଆଇ ମାଷ୍ଟର ସର୍କୁଲାର DBR.CO.RRB.BL.BC.No.17 / 31.01. 002 / 2015-16 ଅନୁଯାୟୀ ଆର୍ଥିକ ସଂସ୍ଥାଗୁଡ଼ିକ ଗ୍ରାମାଞ୍ଚଳରେ ୨୫% ଗ୍ରାମୀଣ ଶାଖା ପ୍ରତିଷ୍ଠା ପାଇଁ ନିର୍ଦ୍ଦେଶ ପାଳନ କରୁଛନ୍ତି।
**୩.** ଗ୍ରାହକ ସେବା କେନ୍ଦ୍ର **CSP / BC** ଗୁଡିକ ସୁରୁଖୁରୁରେ କାର୍ଯ୍ୟ କରିବା ପାଇଁ ଆବଶ୍ୟକ ଭିତ୍ତିଭୂମି ଯେପରିକି ବିଦ୍ୟୁତ୍, ଇଣ୍ଟରନେଟ୍ ସଂଯୋଗ ଏବଂ ଅଫଲାଇନ୍ କ୍ଷମତା ଉପଲବ୍ଧ ବୋଲି ସରକାରଙ୍କୁ ନିଶ୍ଚିତ କରିବାକୁ ପଡିବ **।**

### ସମସ୍ତ ଖାତା ଆଧାର ସହିତ ଲିଙ୍କ୍ ହୋଇଛି

୪. ଆର୍ଥିକ ପ୍ରତିଷ୍ଠାନଗୁଡିକୁ ଶ୍ରମିକଙ୍କ ଆକାଉଣ୍ଟଗୁଡିକର ଆଧାର ଲିଙ୍କ୍ ସଂପୂର୍ଣ୍ଣ କରିବାକୁ ପଡିବ ଯାହାଦ୍ୱାରା ସେମାନେ ଗ୍ରାହକ ସେବା କେନ୍ଦ୍ର CSP / BC ସେବା ବ୍ୟବହାର କରିପାରିବେ କାରଣ ଏହା ଶ୍ରମିକମାନଙ୍କ ନିକଟତର ଅଟେ।

୫. ସିଭିଲ୍ ସୋସାଇଟି ସଂଗଠନ (CSO)ଗୁଡିକ ଶ୍ରମିକମାନଙ୍କ ଆକାଉଣ୍ଟଗୁଡିକର ଆଧାର ଲିଙ୍କ୍ ବିଷୟରେ ସଚେତନତା ପ୍ରସାର କରିବା ଏବଂ ଏହାକୁ ସଂପୂର୍ଣ୍ଣ କରିବାରେ ସାହାଯ୍ୟ କରିବା ଉଚିତ୍।

## ନିୟମିତ ସୂଚନାର ପ୍ରସାର

**୬.** ଶ୍ରମିକମାନଙ୍କ ସହିତ ଉପଯୁକ୍ତ ପରାମର୍ଶକରି ସରକାର ଏବଂ ସିଭିଲ୍ ସୋସାଇଟି ସଂଗଠନ (CSO)ଗୁଡିକ ନିୟମିତ ଭାବରେ ମଜୁରି ଦେୟ ପୈଠ ସମ୍ବନ୍ଧରେ ସୂଚନା ପ୍ରସାର କରିବା ଆବଶ୍ୟକ ଏବଂ ତାହା ଶ୍ରମିକମାନଙ୍କ ପାଖରେ ପହଞ୍ଚୁଛି ବୋଲି ସୁନିଶ୍ଚିତ କରିବା ଜରୁରୀ। ମଜୁରି ଦେୟ ପୈଠ ସମ୍ବନ୍ଧରେ ସୂଚନା ବଣ୍ଟନ ପାଇଁ ଏକ ଟେଣ୍ଟେଟିଭ୍ ଫର୍ମାଟ୍ ଏଠାରେ ମିଳିପାରିବ।

**୭.** ଆର୍ଥିକ ସଂସ୍ଥାଗୁଡ଼ିକ ସମସ୍ତଙ୍କ ପାଇଁ ପାସବୁକ୍ ଉପଲବ୍ଧ କରାଇବା ଆବଶ୍ୟକ ଏବଂ ଯେତେବେଳେ ଶ୍ରମିକମାନେ ଆବଶ୍ୟକ କରିବେ ସେତେବେଳେ ସେମାନେ ବିତରଣ ଏଜେନ୍ସିରେ ମାଗଣାରେ ପାସବୁକ୍ ଅପଡେଟ୍ କରିବେ ।

**୮.** ସରକାର ଏବଂ ସିଭିଲ୍ ସୋସାଇଟି ସଂଗଠନ (CSO)ଗୁଡିକ ଓଡିଆରେ ତୁମର ଅଧିକାର ଜାଣିବା **(**Know Your Rights)ର ଏକ ତାଲିକା ବିଦ୍ୟାଳୟ, ଅଙ୍ଗନୱାଡି**, ଗ୍ରାମ**ପଞ୍ଚାୟତ ଭବନ ଏବଂ ସମସ୍ତ ବିତରଣ ଏଜେନ୍ସିରେ ପେଷ୍ଟ କରିବା ଉଚିତ୍ । ତୁମର ଅଧିକାର ଜାଣିବା (**KYR)**ର ଏକ ପ୍ରସ୍ତାବିତ ତାଲିକା ଏଠାରେ ମିଳିପାରିବ।

## ଉନ୍ନତ ଅଭିଯୋଗ ସମାଧାନ ବ୍ୟବସ୍ଥା

**୯.** ସରକାରଙ୍କ ନିକଟରେ ଏକ ସୁଗମ ତଥା ଶୀଘ୍ର ଅଭିଯୋଗ ସମାଧାନ ବ୍ୟବସ୍ଥା ରହିବା ଉଚିତ ଯାହାଦ୍ୱାରା ଯଦି ଆର୍ଥିକ ସଂସ୍ଥାର କର୍ମଚାରୀମାନେ ପାସବୁକ୍ ଅପଡେଟ୍ କରିବାକୁ ମନା କରନ୍ତି ତେବେ ଶ୍ରମିକମାନେ ଅଭିଯୋଗ କରିପାରିବେ।

**୧୦.** ଶ୍ରମିକମାନଙ୍କ ସୁବିଧାଜନକ ଦୂରତ୍ୱରେ କିଓସ୍କ ଲଗାଇ ସେମାନଙ୍କୁ କେଉଁଠାରେ ଏବଂ କିପରି ଅଭିଯୋଗ ଦାଖଲ କରାଯାଇପାରିବ ସେସମ୍ବନ୍ଧରେ ଅବଗତ କରାଇବା ସହ ଆର୍ଥିକ ସଂସ୍ଥାର କର୍ମଚାରୀମାନଙ୍କୁ ଅଭିଯୋଗ ଦାଖଲ ଉପରେ ତାରିଖ ଉଲ୍ଲେଖ ଥାଇ ରସିଦ ପ୍ରଦାନ କରାଯିବାକୁ ସୁନିଶ୍ଚିତ କରିବାକୁ ହେବ, ସରକାର ନିଶ୍ଚିତ ଭାବରେ ଅଭିଯୋଗ ସମାଧାନ ବ୍ୟବସ୍ଥାକୁ ମଜବୁତ କରିବା ଆବଶ୍ୟକ।

**୧୧.** ସିଭିଲ୍ ସୋସାଇଟି ସଂଗଠନ (CSO)ଗୁଡିକ ଅଭିଯୋଗର ସମାଧାନ ପ୍ରଣାଳୀ ବିଷୟରେ ସଚେତନତା ପ୍ରସାର କରିବା ଏବଂ ଶ୍ରମିକମାନଙ୍କୁ ଅଭିଯୋଗ ଦାଖଲ କରିବାରେ ସାହାଯ୍ୟ କରିବା ଉଚିତ୍ ।

ଶେଷ ମାଇଲ୍ ଚ୍ୟାଲେଞ୍ଜଗୁଡିକ ଗୁରୁତ୍ୱପୂର୍ଣ୍ଣ, ଏବଂ DBT ସ୍କିମ୍ ଉପରେ ଏହାର ପ୍ରଭାବ ଅଛି । ଆମେ ଓଡିଶାର ସରକାର, ଆର୍ଥିକ ପ୍ରତିଷ୍ଠାନ ଏବଂ ସିଭିଲ୍ ସୋସାଇଟି ସଂଗଠନ (CSO)ମାନଙ୍କୁ ମିଳିତ ଭାବରେ କାର୍ଯ୍ୟ କରିବାକୁ ଏବଂ ଅଭିଯାନ ଚଳାଇବାକୁ ଅନୁରୋଧ କରୁଛୁ ଯାହାଦ୍ୱାରା ଉପରୋକ୍ତ ଆଲୋଚନାଗୁଡିକ କାର୍ଯ୍ୟକାରୀ ହେବା ସଙ୍ଗେ ସଙ୍ଗେ ଫଳପ୍ରସୂ ହୋଇପାରିବ।



## Authors of the Report


Parul Saboo
parul@igidr.ac.in
8879505113

Anuradha De
anuradhad@gmail.com
9717706689

Laavanya Tamang
laavanyatamang@gmail.com
9910746743

Anushka Kale
anushkaskale@gmail.com
7619404770

Naveen Gajjalagari
naveen.gajjalagari16ug@apu.edu.in
9966734981

With Special Inputs From
Rajendran Narayanan
rajendran.narayanan@apu.edu.in
9620318492

india.libtech@gmail.com
@libtechindia
@libtechindia
www.libtech.in/


© 2022 LibTech India - All rights reserved.

Translated by: Narayan Jena - 8458073917
ଓଡିଆ ଅନୁବାଦ: ନାରାୟଣ ଜେନା – ୮୪୫୮୦୭୩୯୧୭